# ପିକକ୍ ଶିଶୁମେଳାର ଦ୍ୱିତୀୟ ସନ୍ଧ୍ୟା

ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ପକ୍ଷରୁ ଏକାମ୍ର ହାଟରେ ଚାଲିଥିବା ସାତଦିନ ବ୍ୟାପୀ ଶିଶୁମେଳାର ଏହା ଥିଲା ଦ୍ୱିତୀୟ ଦିବସ । ଦ୍ୱିତୀୟ ଦିନ ଅପରାହ୍ନରେ ବେବି ଅଫ୍ ଦ ଇୟର ଓ ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ଆବୃତି ପ୍ରତିଯୋଗିତାର ଆୟୋଜନ ହୋଇଥିଲା । କୁନିକୁନି ପିଲାଙ୍କ ମଧରେ ଅୟୋଜିତ ଏହି ଶିଶୁମେଳାର ଆକର୍ଷଣ ଥିଲା ବେବି ଅଫ୍ ଦ ଇୟର ପ୍ରତିଯୋଗିତା । କୁନି କୁନି ପିଲାଙ୍କ ମୁଖରେ ସଚେତନତାର ବାର୍ତ୍ତା ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା । ଏଥିରେ ଡାକ୍ତର ପୁରୁଣିମା ପ୍ରଧାନ, ମହିଳା ଓ ଶିଶୁ ବିଭାଗ ର ପରାମର୍ଶଦାତା ମଧୁମିତା ଦାସ, ମନୋବିଜ୍ଞାନୀ ଡ. ମିତାଲି ମହାନ୍ତି, ଡାକ୍ତର ସୁଧୀର ଚନ୍ଦ୍ର ଦାସ, ସମାଜସେବୀ ଉଷାରାଣୀ ବେହେରା, ଓଡିଶୀ ନୃତ୍ୟାଙ୍ଗନା ଅନ୍ନପୂର୍ଣ୍ଣା ମୁଦୁଲି, ଶିକ୍ଷକ ଓ ସିନ୍ଧୁଜା ପତ୍ରିକାର ସମ୍ପାଦକ ଶର୍ମିଲା ସାହୁ, ବରିଷ୍ଠ ସାମ୍ବାଦିକ ଡ. ମାଧବାନନ୍ଦ ବେହୁରା, ସିଆରସର ମନୋରଞ୍ଜନ ଦାସ ବିଚାରକ ଓ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ପିଲାମାନଙ୍କ ପାଇଁ ସୁରକ୍ଷିତ ପରିବେଶ ନିମନ୍ତେ ସମସ୍ତଙ୍କର ସହଯୋଗ ରହିବା ଆବଶ୍ୟକ ବୋଲି ମତ ରଖିଥିଲେ । ପିକକ୍ ଶିଶୁମେଳା କମିଟିର ଅଧକ୍ଷ ତଥା ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ପ୍ରଦୋଷ କୁମାର ପଟ୍ଟନାୟକ, ସମ୍ପାଦକ ରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଆଜି ପୁରସ୍କୃତ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ଦିଆ କିରଣ, ଆରୁଷି ଅଦ୍ୱିକା ଓ ହର୍ଷାଲି ଦୋରା।

ପିକକ୍ ର ରତ୍ନା ଦାଶ, ଜ୍ୟୋତିଶଙ୍କର ମହାନ୍ତି, ପ୍ରିୟଦର୍ଶିନୀ ସ୍ୱାଇଁ, ସତ୍ୟଶିବ ରଥ, ବିଶ୍ୱଜିତ ସ୍ୱାଇଁ, ବିନୋଦ କୁମାର ଦାସ, ସସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସନ୍ଧ୍ୟାରେ କେଳାସାହିର ସନରାଇଜ ଇକୋସେର୍ସ ଯୁଥ ନେଟୱର୍କ, ପର୍ଲି ଇଣ୍ଟରନ୍ୟାସନାଲ ସ୍କୁଲ, ଲିଟିଲ ଷ୍ଟାର ଡ୍ୟାନ୍ସ ଗ୍ରୁପର ପିଲାମାନଙ୍କର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

**ପିକକ୍ ଶିଶୁମେଳା ତୃତୀୟ ଦିବସ ତା ୧୬-୧୧-୨୦୨୩ରିଖ କାର୍ଯ୍ୟସୂଚୀ ସ୍ଥାନ – ଏକାମ୍ର ହାଟ ଆମ୍ଫିଥିଏଟର**

ସନ୍ଧ୍ୟା ୫. ୦୦ ଘଟିକା – ଆଧୁନିକ ନୃତ୍ୟ ପ୍ରତିଯୋଗିତା

ସନ୍ଧ୍ୟା ୭. ୦୦ ଘଟିକା - ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ ଉତ୍ସବ